ଶ୍ରୀମତୀ ଇନ୍ଦ୍ରାଣୀ ରାଜା ଦୁରାଇ ଏବଂ ଅନ୍ୟମାନେ

ବନାମ

ମାଡ୍ରାସ ମୋଟରର ଏବଂ ଜେନେରାଲ ଇନସୁରାନ୍ସ କମ୍ପାନି ଏବଂ ଅନ୍ୟମାନେ

ଜାନୁଆରୀ 16,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ମୋଟର ଯାନ ଅଧିନିୟମ :*

*ଦୁର୍ଘଟଣା-କ୍ଷତିପୂରଣ ଦାବି-ଅଂଶଦାୟୀ ଅସାବଧାନତା-ସେହି ପରିମାଣରେ ଯଥା 40 ପ୍ରତିଶତ ଦାବି ଛାଡ ହୋଇଯିବ-ନ୍ୟାୟାଧିକରଣଙ୍କ ରାୟ ତାରିଖ ଠାରୁ 6 ପ୍ରତିଶତ ସୁଧ ସହିତ 60,000 ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହେବେ-ବୀମା କମ୍ପାନୀ ବୀମା ଅଧୀନରେ ଅନ୍ତର୍ଭୁକ୍ତ ପରିମାଣ ସହିତ ସମାନୁପାତିକ ରାଶି ପ୍ରଦାନ କରିବେ-ଯାନର ମାଲିକଙ୍କଠାରୁ ବଳକା ରାଶି ଆଦାୟ କରାଯିବ ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 994/1977 ।

ସି. ଏମ୍. ଏ. ସଂଖ୍ୟା 34 ଏବଂ 178/1973 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର 5.7.74 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏ. ଟି. ଏମ୍. ସମ୍ପତ ଏବଂ ଭି. ବାଲାଜୀ ।

ଉତ୍ତରଦାତାମାନଙ୍କ ପାଇଁ ଅନନ୍ତ ପଲ୍ଲୀ, ଇ. ସି. ଅଗ୍ରୱାଲା, ରଣବୀର ଯାଦବ ଏବଂ କେ. ଜି. ଭଗତ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଶେଷ ଅନୁମତି ଦ୍ୱାରା କରାଯାଇଥିବା ଏହି ଆବେଦନ ଆଦେଶ ସଂଖ୍ୟା 34 ଏବଂ 174/1973ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କର 14, ଜୁନ୍ 1971 ଆଦେଶରୁ ଉତ୍ପନ୍ନ ହୋଇଛି । ତଥ୍ୟ ବେଶ୍ ସ୍ପଷ୍ଟ ।

ଇନ୍ଦ୍ରାଣୀ ରାଜା ଦୁରାଇ (ଶ୍ରୀମତୀ) ବନାମ ମାଡ୍ରାସ ମୋଟର ଏବଂ ଜେନେରାଲ ଇନସୁରାନ୍ସ କମ୍ପାନି

4, ଏପ୍ରିଲ୍ 1971ରେ, ଯେତେବେଳେ ମୃତ ରାଜାଦୁରାଇ ଜାତୀୟ ରାଜପଥରେ ମାଡ୍ରାସରୁ ବାଙ୍ଗାଲୋରର କାଲାଥୁର ଛକରେ ପଶ୍ଚିମ ଦିଗରୁ ପୂର୍ବ ଦିଗକୁ ମୋଟର ସାଇକେଲ୍ ଚଳାଉଥିବା ସମୟରେ, ଏକ ମୋଟର ଗାଡ଼ି ମଝିରେ ଆସି ଯାଇଥିଲା I ଫଳସ୍ୱରୂପ, ସେ ନିଜ ଜୀବନ ବଞ୍ଚାଇବା ପାଇଁ ଅତ୍ୟନ୍ତ ଡାହାଣକୁ ଚାଲି ଯାଇଥିଲେ I ଫଳସ୍ୱରୂପ ବସ୍ ମୋଟର ସାଇକେଲକୁ ଧକ୍କା ଦେଇଥିଲା I ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା I ଆବେଦନକାରୀମାନେ ହେଉଛନ୍ତି ମୃତ ବ୍ୟକ୍ତି ଯାହାଙ୍କ ବୟସ ପାଖାପାଖି 31 ବର୍ଷ ଥିଲା, ତାଙ୍କ ବିଧବା ଏବଂ ପିଲାମାନେ I ନ୍ୟାୟାଧିକରଣଙ୍କର ଫଳାଫଳ ହେଉଛି ଯେ ମୃତକ ମାସିକ 800 ଟଙ୍କା ରୋଜଗାର କରୁଥିଲେ I ସେହି ଆଧାରରେ ନ୍ୟାୟାଧିକରଣ 1 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ I ନ୍ୟାୟାଧିକରଣ ରାୟ ପ୍ରଦାନ କରିଥିଲ ଯେ ସେଥିରେ ଅଂଶଦାୟୀ ଅସାବଧାନତା ଥିଲା I ସେହି ଆଧାରରେ, ଅଂଶଦାୟୀ ଅସାବଧାନତା ଲାଭ ପ୍ରଦାନ କରିବା ପରେ ଏହା 1 ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା I ବସ୍ ଡ୍ରାଇଭର ଅବହେଳା କରିନଥିବା ଦର୍ଶାଇ ଉଚ୍ଚ ନ୍ୟାୟାଳୟ ଏହି ରାୟକୁ ପ୍ରତ୍ୟାଖ୍ୟାନ କରିଥିଲେ I ମୃତ ବ୍ୟକ୍ତିଙ୍କ ତରଫରୁ ସମସ୍ତ ଅବହେଳା କରାଯାଇଥିଲା I ଫଳସ୍ୱରୂପ, ଆବେଦନକାରୀମାନେ କ୍ଷତିପୂରଣ ପାଇବାକୁ ହକଦାର ନୁହଁନ୍ତି I ତେଣୁ ବିଶେଷ ଅନୁମତି ଆଧାରରେ ଏହି ଆବେଦନ I

ଆମେ ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣଙ୍କର ପ୍ରମାଣ ଏବଂ ଯୁକ୍ତିକୁ ପରୀକ୍ଷା କରିଛୁ I ଦୁର୍ଭାଗ୍ୟବଶତଃ, ଉଚ୍ଚ ନ୍ୟାୟାଳୟ ପ୍ରମାଣଗୁଡ଼ିକୁ ଉପଯୁକ୍ତ ଦୃଷ୍ଟିକୋଣରୁ ବିଚାର କରିନାହାନ୍ତି I ଯେହେତୁ ବସ୍ ଡ୍ରାଇଭର ସମାନ ଭାବରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ, ତେଣୁ କୌଣସି ଦୁର୍ଘଟଣା ନହେବା ପାଇଁ ତାଙ୍କ ପକ୍ଷରେ ଅଧିକ ଯତ୍ନର ଆବଶ୍ୟକତା ଥିଲା I ପରିସ୍ଥିତିରୁ ଏହା ଜଣାପଡ଼ିବ ଯେ କାର୍ ଏବଂ ବସ୍ ମଧ୍ୟରେ ଚାପି ହେବାରୁ ନିଜକୁ ବଞ୍ଚାଇବା ଉଦ୍ଦେଶ୍ୟରେ ମୃତକ ଅତ୍ୟନ୍ତ ଡାହାଣକୁ ଚାଲି ଯାଇଥିଲେ I ଫଳସ୍ୱରୂପ, ସେ ବସ୍ ର ବାମ ବମ୍ପରକୁ ଧକ୍କା ଦେଇଥିଲେ I ତେଣୁ ଏହା ସ୍ପଷ୍ଟ ହେବ ଯେ ଦୁର୍ଘଟଣା ପାଇଁ ବସ୍ ଡ୍ରାଇଭରଙ୍କର ମଧ୍ୟ ସମାନ ଯୋଗଦାନ ଥିଲା I ତଥ୍ୟ ଏବଂ ପରିସ୍ଥିତି ଆଧାରରେ, ଆମେ ଭାବୁ ଯେ ଅବହେଳାକୁ, 60 ପ୍ରତିଶତ ଏବଂ 40 ପ୍ରତିଶତ ଭାବରେ ବିଭକ୍ତ କରାଯାଇପାରେ I ଫଳସ୍ୱରୂପ, ଉତ୍ତରଦାତା କ୍ଷତିପୂରଣ ବାବଦକୁ 60, 000 ଟଙ୍କା ଦେବାକୁ ପଡିବ ଏବଂ ଆବେଦନକାରୀଙ୍କୁ 40, 000 ଟଙ୍କା ଛାଡିବାକୁ ପଡିବ I ଏଭଳି ପରିସ୍ଥିତିରେ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି I ନ୍ୟାୟାଧିକରଣଙ୍କର ଆଦେଶରେ ମଧ୍ୟ

ସଂଶୋଧନ କରାଯାଇଛି । ଆବେଦନକାରୀମାନେ 1972 ମସିହା ନଭେମ୍ବର 30 ତାରିଖରେ ନ୍ୟାୟାଧିକରଣଙ୍କର ରାୟ ତାରିଖ ଠାରୁ 6 ପ୍ରତିଶତ ସୁଧ ସହିତ 60,000 ଟଙ୍କା ପାଇବାକୁ ହକଦାର ଅଟନ୍ତି । ଏହା ଜଣାପଡ଼େ ଯେ ମୂଳ ବୀମା କମ୍ପାନୀ, ଯିଏକି ବୀମା କରିଥିଲେ ତାହା ଏକ ଜାତୀୟକରଣ କମ୍ପାନୀ, ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା, ଯାହା ଏହି ବୀମା ଅନ୍ତର୍ଗତ ରାଶି ଅନୁଯାୟୀ ଦେୟ ଦେବାକୁ ଉତ୍ତରଦାୟୀ ହେବ । ଆବେଦନକାରୀମାନେ କମ୍ପାନୀରୁ ଅର୍ଥରାଶି ପାଇବାକୁ ହକଦାର ରହିବେ ଏବଂ ମାଲିକଙ୍କଠାରୁ ବଳକା ଅର୍ଥ ଆଦାୟ କରିବେ ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଆର୍. ଏ. ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।